ଡକ୍ଟର. ପି. ଏନ୍. ପୁରୀ ଏବଂ ଅନ୍ୟମାନେ

ବନାମ

ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

29, ଜାନୁଆରୀ 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ସମାନ କାର୍ଯ୍ୟ ପାଇଁ ସମାନ ଦରମା-ଅର୍ଥ ପ୍ରଦାନ-ଶେଷ ତାରିଖ ସ୍ଥିର କରିବା-ନିର୍ଣ୍ଣିତ, ଏହା ସ୍ୱେଚ୍ଛାଚାରୀ ନଥିଲା-ଅନୁଚ୍ଛେଦ, 14,39 (d) ।*

ଦେୱାନୀ ଆବେଦନ ଅଧିକାରିତା : ବିଶେଷ ଅନୁମତି ଆବେଦନ (ଦେୱାନୀ) ସଂଖ୍ୟା 955/1996 ।

ଦେୱାନୀ ବିବିଧ ଆଜ୍ଞାଦେଶ ମାମଲା ସଂଖ୍ୟା 40379 /1993ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 21.9.95 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ସଞ୍ଜୟ ପାର୍କୀଖ ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଚିକିତ୍ସା ଅଧିକାରୀଙ୍କ ସହ ସମାନ 2200-4000 ଟଙ୍କା ହାରରେ ଦରମା ଦେବାକୁ ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିଛନ୍ତି । ଉକ୍ତ ବେତନ ହାର ପାଇଁ ଆବେଦନକାରୀ ଏବଂ ସେମାନଙ୍କ ସାଥୀ ମାନଙ୍କ ମଧ୍ୟରେ ଅଧିକାରକୁ ନେଇ ଏକ ବିବାଦ ଦୀର୍ଘ ଦିନ ଧରି ବିଚାରଧିନ ଥିଲା । ପରିଶେଷରେ, ଏହାକୁ ଅସଙ୍ଗତି କମିଟି ନିକଟକୁ ପଠାଯାଇଥିଲା, ଯିଏ ତାଙ୍କ 1.1.1995 କାର୍ଯ୍ୟାନୁଷ୍ଠାନ ଜରିଆରେ ନିଷ୍ପତ୍ତି ନେଇଥିଲେ ଯେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ବିଭିନ୍ନ ପଦବୀରେ ନୂତନ ବେତନ ପାହ୍ୟା ଗ୍ରହଣ କରିବେ, ଯଥା, ଆବେଦନକାରୀଙ୍କ ପରି ବ୍ୟକ୍ତିମାନଙ୍କୁ 2200-4000 ଟଙ୍କା ଦରମା ଦିଆଯିବ ଏବଂ 7,ନଭେମ୍ବର 1994 ରୁ ଉକ୍ତ ପାହ୍ୟାକୁ ନବୀକରଣ କରିବାକୁ ଏବଂ ସେହି ତାରିଖ ଠାରୁ ବେତନ ପାହ୍ୟା ପ୍ରଦାନ କରିବାକୁ ସୁପାରିଶ କରିଥିଲେ । ସରକାର ଉପରୋକ୍ତ ସୁପାରିଶକୁ

ଗ୍ରହଣ କରିଛନ୍ତି ଏବଂ 16 ଫେବୃଆରୀ, 1995 ରେ ନିର୍ଦ୍ଦେଶ ଜାରି କରିଛନ୍ତି । ସେହି ଆଦେଶକୁ ଉଲ୍ଲେଖ କରି ଆବେଦନକାରୀମାନେ 1986 ରୁ ବକେୟା ଦେୟ କରିବାକୁ ଅନୁରୋଧ କରି ଆଜ୍ଞାଦେଶ ଆବେଦନ ଦାଖଲ କରିଛନ୍ତି ।

ପ୍ରାରମ୍ଭରେ, ଆବେଦନକାରୀମାନଙ୍କୁ 1.1.1986ରୁ ପ୍ରଭାବୀ ଭାବରେ କାହିଁକି ଦରମା ଦିଆଯାଉ ନାହିଁ ତାହା ବିଚାର କରିବାକୁ  ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥିଲା । ପୁନର୍ବାର ବିଚାର କରିବା ପରେ, ଉତ୍ତରଦାତା ପରିସ୍ଥିତି ବ୍ୟାଖ୍ୟା କରି ଏକ ସତ୍ୟପାଠ ଦାଖଲ କରିଥିଲେ । ନିଃସନ୍ଦେହରେ, ଉଲ୍ଲେଖ କରାଯାଇଥିବା ପରିସ୍ଥିତିଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା ଯେ ପୂର୍ବରୁ ଆବେଦନକାରୀମାନେ ଅସମାନ ପାହ୍ୟାର ଥିଲେ ଏବଂ ସେମାନଙ୍କୁ ସମାନ ଦରମା ଦିଆଯାଉନଥିଲା, ତେଣୁ ସେମାନେ ସମାନ ପରିମାଣର ଦରମା ପାଇବାକୁ ହକଦାର ନଥିଲେ । ଉଚ୍ଚ  ନ୍ୟାୟାଳୟଙ୍କର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ 1995 ମସିହା ସେପ୍ଟେମ୍ବର 21 ତାରିଖର ଆଦେଶ ଦ୍ୱାରା ଏହି ଆବେଦନକୁ ଖାରଜ କରିଦେଇଥିଲେ ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ ଉତ୍ତରଦାତାମାନଙ୍କ ଦ୍ୱାରା ଦିଆଯାଇଥିବା କାରଣ ପ୍ରାସଙ୍ଗିକ ନୁହେଁ କାରଣ ଅସଙ୍ଗତି କମିଟି ସୁପାରିଶ କରିଛନ୍ତି ଯେ ସେମାନେ, ଡାକ୍ତରୀ ଅଧିକାରୀଙ୍କ ସହିତ ସମାନ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ତେଣୁ, ଉଚ୍ଚ ନ୍ୟାୟାଳୟ ସେମାନଙ୍କୁ 1986 ମସିହାରୁ ସେହି ପାହ୍ୟାରେ ଦରମା ପ୍ରଦାନ କରିବା ଉଚିତ ଥିଲା । ଯେପରି ପୂର୍ବରୁ କୁହାଯାଇଛି, ଜବାବି -ସତ୍ୟପାଠରେ ଦିଆଯାଇଥିବା କାରଣ ସଠିକ୍ କାରଣ ହୋଇନପାରେ, କିନ୍ତୁ ଅସଙ୍ଗତି କମିଟି ଆବେଦନକାରୀଙ୍କ ପରି ବ୍ୟକ୍ତିମାନଙ୍କୁ 7, ନଭେମ୍ବର 1994ରୁ ସମାନ ପାହ୍ୟାରେ ଦରମା ପ୍ରଦାନ କରିବାକୁ ସୁପାରିଶ କରିଥିଲେ । ଏହା ଏକ ସୁପ୍ରତିଷ୍ଠିତ ଆଇନ ଯେ ଏକ ତାରିଖ ସ୍ଥିର କରିବା, ମନମୁଖୀ ଭାବରେ ଅନୁଚ୍ଛେଦ 14 କୁ ଉଲ୍ଲଂଘନ କରେ ନାହିଁ । ଏହା ସ୍ଥିରୀକୃତ ଆଇନ ଯେ କର୍ତ୍ତୃପକ୍ଷ ମନମୁଖୀ ଭାବରେ ଏକ ତାରିଖ ସ୍ଥିର କରିପାରିବେ ନାହିଁ । ତେଣୁ ନିର୍ଣ୍ଣୟ ପାଇଁ ଆସିଥିବା ପ୍ରଶ୍ନ ହେଉଛି : ନିର୍ଦ୍ଧାରିତ ତାରିଖଟି ମନମୁଖୀ କି? ଏହି ପ୍ରଶ୍ନକୁ ଅସଙ୍ଗତି କମିଟି ନିକଟକୁ ପଠାଯାଇଥିଲା, ଯାହା ସରକାରଙ୍କୁ ପରାମର୍ଶ ଦେଇଥିଲା ଯେ ଏହି ନିଷ୍ପତ୍ତି ସ୍ୱେଚ୍ଛାଚାରୀ କି? ଆବେଦନକାରୀଙ୍କ ଭଳି ବ୍ୟକ୍ତିମାନେ କେଉଁ ପ୍ରକାରର ଦରମା ପାଇବାକୁ ହକଦାର ହେବେ, ତାହା ସ୍ଥିର କରିବା ପାଇଁ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଏହି ପ୍ରଶ୍ନକୁ ଅସଙ୍ଗତି କମିଟି ନିକଟକୁ ପ୍ରେରଣ କରାଯାଇଥିଲା । କମିଟି ଏହି ପ୍ରଶ୍ନକୁ ଅନୁଧ୍ୟାନ କରିଥିଲା ଏବଂ  ଆବେଦନକାରୀଙ୍କ ପରି ବ୍ୟକ୍ତିବିଶେଷଙ୍କ ପାଇଁ 2200-4000 ଟଙ୍କାର ବେତନ ପାହ୍ୟା

ସୁପାରିଶ କରିଥିଲେ ଏବଂ ସେମାନେ ଯେଉଁ ତାରିଖରେ ନିଷ୍ପତ୍ତି ନେଇଥିଲେ, ସେହି ତାରିଖ, ଯଥା 7, ନଭେମ୍ବର 1994 ରୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ସୁପାରିଶ କରିଥିଲେ । ସରକାର ଏହାକୁ ସ୍ୱୀକାର କରିଛନ୍ତି ଏବଂ ସେହି ଦିନଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି । ସେହି ପରିସ୍ଥିତିରେ, ଏହା କୁହାଯାଇପାରିବ ନାହିଁ ଯେ ତାରିଖ ନିର୍ଦ୍ଧାରଣ ଅନୁଚ୍ଛେଦ 14ର ମନମୁଖୀ ଉଲ୍ଲଂଘନ କରୁଛି ।

ସେହି ଅନୁଯାୟୀ ବିଶେଷ ଅନୁମତି ଆବେଦନ ଖାରଜ ହୋଇଛି ।

ଜି. ଏନ୍. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।